ଅ ଆ ଇ ଏବଂ କ ଖ ଗ

© 2003 ଆସୋଶିଏଶନ ଅଫ୍ ରାଇଟର୍ସ ଆଣ୍ଡ ଇଲଷ୍ଟ୍ରେଟର୍ସ ଫର୍ ଚିଲ୍‌ଡ୍ରେନ
(ଏ·ଡବ୍ଲ୍ୟୁ·ଆଇ·ସି·), ନୂଆଦିଲ୍ଲୀ
© 2003 Association of Writers and Illustrators for Children
(AWIC), New Delhi

ଲେଖକ - ମିତ୍ରା ଦାସ
- ଜଗନ୍ନାଥ ପ୍ରସାଦ ଦାସ

ଚିତ୍ର - ଜଗଦୀଶ ଯୋଶୀ

Author — Mitra Das
— J. P. Das

Illustrator — Jagdish Joshi

ପ୍ରକାଶକ ଆସୋଶିଏଶନ ଅଫ୍ ରାଇଟର୍ସ ଆଣ୍ଡ
ଇଲଷ୍ଟ୍ରେଟର୍ସ ଫର୍ ଚିଲ୍‌ଡ୍ରେନ (ଏ·ଡବ୍ଲ୍ୟୁ·ଆଇ·ସି·)
ନେହରୁ ହାଉସ୍, 4 ବାହାଦୁରଶାହ ଜଫର ମାର୍ଗ, ନୂଆଦିଲ୍ଲୀ-110002

ମୂଲ୍ୟ : 30/- ଟଙ୍କା US $ 2.00

Publisher Association of Writers and Illustrators for Children (AWIC)
Nehru House, 4 Bahadur Shah Zafar Marg, New Delhi - 110002

Price Rs. 30/- US $ 2.00

ISBN NO. : 81-86243-08-9

Digitised by srujanika@gmail.com

ଦି ପଦ କଥା

ଆସୋଶିଏସନ ଅଫ ରାଇଟର୍ସ ଆଣ୍ଡ ଇଲଷ୍ଟ୍ରେଟର୍ସ ଫର ଚିଲ୍ଡ୍ରେନ (ଏ·ଡବଲ୍ୟୁ·ଆଇ·ସି·) ହେଉଛି ଗୋଟିଏ ସ୍ୱେଚ୍ଛିକ ସଂସ୍ଥା । ସନ 1981ରେ ଶ୍ରୀ କେ· ଶଙ୍କର ପିଲାଇ ଏହାର ସଂସ୍ଥାପନ କରିଥିଲେ । ସନ 1990ରେ ଏହି ସଂସ୍ଥା ଇଣ୍ଡିଆନ ସେକଶନ୍ ଅଫ ଇଣ୍ଟରନ୍ୟାସନାଲ ବୋର୍ଡ ଅଫ ବୁକସ୍ ଫର ୟଙ୍ଗ ପ୍ୟୁପିଲ (ଇଣ୍ଡିଆନ ଆଇ·ବୀ·ବୀ·ୱାଇ·)ର ଗୁରୁତର ଦାୟିତ୍ୱ ହାତକୁ ନେଇ ବିଶ୍ୱରେ ନିଜର ସ୍ଥାନ ସୃଷ୍ଟି କଲା । ସୁନ୍ଦର ବାଳ ସାହିତ୍ୟ ରଚନା ଓ ପ୍ରସାର ହେଉଛି ଏହି ସଂସ୍ଥାର ଉଦ୍ଦେଶ୍ୟ । ସନ 1995ରେ ଏ·ଡବ୍ଲ୍ୟୁ·ଆଇ·ସି·ର ସାକ୍ଷରତା–ପରିଯୋଜନା ଆରମ୍ଭ କଲା । ଏହି ପରିଯୋଜନା ଅନୁଯାୟୀ ସଂସ୍ଥା ଅକ୍ଷର-ଜ୍ଞାନର ପ୍ରଥମ ପୁସ୍ତକ 'ଅ, ଆ, ଇ'ର ପ୍ରକାଶନ କଲା । ସାକ୍ଷରତା ପରିଯୋଜନା ଦ୍ୱାରା ପ୍ରଭାବିତ ହୋଇ, ଏ·ଡବ୍ଲ୍ୟୁ, ଆଇ·ସି·ର ଆଜୀବନ ସଦସ୍ୟ ଜାପାନ ନିବାସୀ ଶ୍ରୀମତୀ ଚିତୋସେ ସୁଜୁକି ଆମର ପରିଯୋଜନାକୁ ବୃଦ୍ଧି କରିବାକୁ ସ୍ଥିରକଲେ । ଜାପାନ ବୀ·ବୀ·ୱାଇ·ର ଅଧ୍ୟକ୍ଷ ଶ୍ରୀମତୀ ୟୋକୋ ଇନୋକୁମା ଜେ·ବି·ବି·ୱାଇ· ଫ୍ରେଣ୍ଡସ୍ ଅଫ୍ ଇଣ୍ଡିଆନ୍ ଲିଟରେସି ପ୍ରୋଜେକ୍ଟ ନାମକ ସଂସ୍ଥା ତିଆରି କଲେ ଏବଂ ଶ୍ରୀମତୀ ସୁଜୁକିଙ୍କୁ ଏହାର ଅଧ୍ୟକ୍ଷା କଲେ । ଏ·ଡବଲ୍ୟୁ·ଆଇ·ସି·ର ଆଉ ଜଣେ ଆଜୀବନ ସଦସ୍ୟ, ଜାପାନ ନିବାସୀ ଶ୍ରୀମତୀ ତୋସିକୋ ଇୱାସା ଏଥିରେ ସହଯୋଗ କଲେ । ଏ·ଡବଲ୍ୟୁ·ଆଇ·ସି· ଏହି ଆର୍ଥିକ ସହାୟତା ଲାଗି ଚିତୋସେ ସୁଜୁକି, ଜାପାନ ବୀ·ବୀ·ୱାଇ· ତଥା ଜାପାନର ସହଯୋଗୀମାନଙ୍କ ପ୍ରତି କୃତଜ୍ଞ ।

ଏହି ଅକ୍ଷର ଜ୍ଞାନର ପୁସ୍ତକ ଏ·ଡବଲ୍ୟୁ·ଆଇ·ସି·ର ସାକ୍ଷରତା ପରିଯୋଜନାର ଦ୍ୱିତୀୟ ଭେଟି । ଏହି ପୁସ୍ତକକୁ ରୋଚକ କରିବା ଲାଗି ଅକ୍ଷର ସହ ସରଳ କବିତାର ପ୍ରୟୋଗ କରାଯାଇଛି । ଶ୍ରୀ ଜଗଦୀଶ ଜୋଶୀ ଏହାକୁ ଚିତ୍ର ଦ୍ୱାରା ସଜାଇଛନ୍ତି । ଶ୍ରୀ ଜୋଶୀ 1998ରେ ଭାରତର ହ୍ୟାନ୍ସ କ୍ରିଷ୍ଟିୟାନ ଆଣ୍ଡର୍ସନ ଆୱାର୍ଡ ବିଜେତା । ଶ୍ରୀମତୀ ବିନୀତା କୃଷ୍ଣା, ଶ୍ରୀମତୀ ଗିରିଜାରାଣୀ ଅସ୍ଥାନା ଓ ଶ୍ରୀମତୀ ମନୋରମା ଜଫା ମୂଳ–ପାଠ ସହ କବିତାର ସମାଗମ କରି ଏହାକୁ ମନୋରଂଜକ କରିଛନ୍ତି । ସଂସ୍ଥା ସବୁ ସହଯୋଗୀଙ୍କ ପ୍ରତି କୃତଜ୍ଞ । 26 ଶ ଆଇ·ବୀ·ବୀ·ୱାଇ, କଂଗ୍ରେସ ନୂଆଦିଲ୍ଲୀ 1998ରେ ଏହି ପୁସ୍ତକକୁ ଚିତ୍ତାକର୍ଷକ କରି ଏ·ଡବଲ୍ୟୁ,ଆଇ,ସି· ବିଶେଷ ପ୍ରସନ୍ନତା ଅନୁଭବ କରୁଛି ।

ମନୋରମା ଜଫା

ସେକ୍ରେଟାରୀ ଜେନେରାଲ

ଏ·ଡବଲ୍ୟୁ·ଆଇ·ସି·

ଏବଂ

ଇଣ୍ଡିଆନ ଆଇ·ବୀ·ବୀ·ୱାଇ·

20 ସେପ୍‌ଟେମ୍ବର 1998

Digitised by srujanika@gmail.com

ଅ

ଅରଟ ଚାଲେ ବାହାରେ ସୂତା
ସୂତାରୁ କନା ଜାମା କୁରୁତା ।



ଆ

ଆତ ଫଳକୁ ଖାଇଲ ଦେଖି
ମିଠା ଯେତିକି ଗୁଣ ସେତିକି ।

Digitised by srujanika@gmail.com

ଇ

ଇଟା ଉପରକୁ ଆହୁରି ଇଟା
ତୋଳା ହୋଇଯାଏ ବିରାଟ କୋଠା ।



ଈ

ଈଷ ଧରି ଚଷା ବିଲକୁ ଯାଏ
ଧାନ କିଆରିରେ ସୁନା ଫଳାଏ ।



Digitised by srujanika@gmail.com

ଉ

ଉଲୁକ ଉଡୁଛି ମେଲାଇ ଡେଣା
ରାତିର ଚଢ଼େଇ ଦିନରେ ବଣା ।

ଊ

ଊଷର ଜମିରେ ନ ହୁଏ ଚାଷ
ଘର ତୋଳି କର ସେଠାରେ ବାସ ।

ଋ

ଋଷି ବସିଛନ୍ତି ଆଖିକୁ ବୁଜି
ମନେ ମନେ ସବୁ ଦିଅଁଙ୍କୁ ପୂଜି ।

Digitised by srujanika@gmail.com

ଏ

ଏକତାରା ବାଜେ କେଡ଼େ ମଧୁର
ଗୋଟିଏ ତାରରୁ ଅନେକ ସୁର ।

ଐ

ଐର ଖାରବେଳ ଓଡ଼ିଶା ରାଜା
ତାଙ୍କ ଗୁଣ ଗାଇ ବାଜୁଛି ବାଜା ।

Digitised by srujanika@gmail.com

ଓ

ଓଟ ପକ୍ଷୀ ଧାଏଁ ଆସିଲେ ଝଡ଼
ମୁହଁ ପୋତି ଦିଏ ବାଲି ଭିତର ।

ଔ

ଔଷଧ ଖାଇଲେ ଛାଡ଼ିବ ଜର
ରୋଗ ବେମାରିକୁ କରିବ ଦୂର ।

Digitised by srujanika@gmail.com

ଅଂ

ଅଂଗୁର ଖଟା ଅଂଗୁର ମିଠା
କରିଦିଏ କାହା ମୁହଁକୁ ଚିଟା ।

ଅଃ

Digitised by srujanika@gmail.com

କ

କମଳ ପାଖରେ ପତର କଢ଼
ଦେଖିବାକୁ ଦେଖ କେଡ଼େ ସୁଢଳ ।

ଖ

ଖଜୁରି ଗଛରେ ଭରିଛି କୋଳି
ପାଚିଗଲେ ନିଅ ଡାଳରୁ ତୋଳି ।

Digitised by srujanika@gmail.com

ଗ

ଗଛ ଚାରା ପୋତି ଯତନ କର
ଦେଖୁ ଦେଖୁ ତହିଁ ଫଳିବ ଫଳ ।

ଘ

ଘଡ଼ି କହେ ଟିକ ଟକ ଟିକ ଟିକ ଟିକ
ଠିକ କାମ କର ଯଦି ସବୁ ହେବ ଠିକ ।

Digitised by srujanika@gmail.com

ଚ

ଚଷମା ଆଖିରେ ହାତରେ ବାଡ଼ି
ଅଜା ଯାଉଛନ୍ତି ଆଗକୁ ମାଡ଼ି ।

ଛ

ଛତା ଧରି ଯଦି ଘରୁ ବାହାର
ଖରା ବରଷାକୁ ନ ଥିବ ଡର ।

Digitised by srujanika@gmail.com

ଜ

ଜଟା ଓହଳିଛି ବର ଗଛର
ଛାଇତଳେ ବସି ହାଲିଆ ମାର ।

ଝ

ଝରଣା ଆଣଇ ଶୀତଳ ପାଣି
ପିଇବାକୁ ଦିଏ ମନକୁ ଜାଣି ।

Digitised by srujanika@gmail.com

ଟ

ଟମାଟୋ ଗଛରେ ଫଳିଛି ଫଳ
ଗୋଲ ଗାଲ ଲାଲ କେଡ଼େ ରସାଳ ।



ଠ

ଠଣାରେ ରହିଛି ପିତୁଳା ଦେଖ
ଫୁଲ ଆଣି ତାର ପାଦରେ ରଖ ।

Digitised by srujanika@gmail.com

ଡ

ଡମରୁ ବାଜୁଛି ଡମକ ଡମ
ପୋଷା ଭାଲୁ ନାଚେ ତା ଥେଇ ଥମ ।



ଢ

ଢମଣା ସାପର ଭୋକିଲା ଆଖି
ପଳାଅ ପଳାଅ ଦୂରରୁ ଦେଖି ।

ଣ

Digitised by srujanika@gmail.com

ତ

ତରଭୁଜ କାଟି ଦେଖ କିପରି
ବାହାର ଶାଗୁଆ ଭିତର ନାଲି ।

ଥ

ଥଟାରି ବସିଛି ହାତୁଡ଼ି ଧରି
ବାସନ ତିଆରେ ଭଳିକି ଭଳି ।

Digitised by srujanika@gmail.com

ଦ

ଦଉଡ଼ି ପକାଇ ଡାଳକୁ ଧରି
ମଉଜ କରିବ ତିଆରି ଦୋଳି ।

ଧ

ଧନୁଶର ଧରି ଭାଇ ଭଉଣୀ
ଚାଲିଛନ୍ତି ଡର ଭୟ ନ ଜାଣି ।

ନ

ନଳରୁ ବହୁଛି ପାଣିର ଝର
ଲୋଟା ଭରି ନିଅ ଆପଣା ଘର ।



Digitised by srujanika@gmail.com

ପ

ପଇସା ନିଅ ବଜାର ଯାଅ
ମିଠାଇ କିଣି ମଜାରେ ଖାଅ ।

ଫ

ଫଳ ରହିଛି ଡାଲାରେ ଭରି
ଆପେଲ ଆମ୍ବ କୋଳି କଦଳୀ ।

Digitised by srujanika@gmail.com

ବ

ବହିରୁ ପାଇବ ଯେତିକି ଜ୍ଞାନ
ସବୁଠାରୁ ବଡ଼ ଗୁରୁ ସେ ଜାଣ ।

ଭ

ଭଅଁର ଫୁଲରୁ ଫୁଲକୁ ଉଡ଼େ
ମହୁ ନେଇ ରଖେ ଫେଣା ଭିତରେ ।

ମ

ମଇଁଷି ଯାଉଛି ଆଗକୁ ମାଡ଼ି
ବାଟ ଛାଡ଼ି ଦିଅ ଯାଉ ସେ ଚାଲି ।

Digitised by srujanika@gmail.com

ଯ

ଯଜ୍ଞ ନିଆଁ ପାଖେ ଚକା ପକାଇ
ପୂଜା କରୁଛନ୍ତି ଗୁରୁ ଗୋସାଇଁ ।

ର

ରଥ ଚାଲେ ତାକୁ ଚଲାଏ ଚକ
ଚକ ସହିତରେ ବୁଲେ ତା ଅଖ ।

Digitised by srujanika@gmail.com

ଲ

ଲଟ୍ଟୁକୁ ଘୂରାଇ ସୂତାକୁ ନେଇ
ପିଲା ଖେଳୁଥାଏ ପଛରେ ଧାଇଁ ।



ବ

ବଣମଣିଷର ନ ଥାଏ ଡର
ଡେଉଁଥାଏ ଗଛ ଉପର ତଳ ।

Digitised by srujanika@gmail.com

ଶ

ଶଗଡ଼ ଟାଣନ୍ତି ବଳଦ ଯୋଡ଼ି
ଗାଁ ସଡ଼କରେ ଯାଉଛି ଗଡ଼ି ।



ଷ

ଷଟ୍‌କୋଣର ଛଅଟି କୋଣ
ଏକ ଦୁଇ କରି ଠିକରେ ଗଣ ।



Digitised by srujanika@gmail.com

ସ

ସରଗରେ ଅଛି କିପରି ଭରା
ଗୋଟିଏ ଚାନ୍ଦକୁ କୋଟିଏ ତାରା ।

ହ

ହନୁ ବସିଥାଏ ଗଛର ଡାଳେ
ଗାଲେ ହାତ ଦେଇ କି କଥା ଭାଳେ ।

Digitised by srujanika@gmail.com

ఊ ఓ ఋ

Digitised by srujanika@gmail.com

ବର୍ଣ୍ଣମାଳା

ଅ	ଆ	ଇ	ଈ	ଉ	ଊ
		ଋ			
ଏ	ଐ	ଓ	ଔ	ଅଂ	ଅଃ

ବ୍ୟଞ୍ଜନ ବର୍ଣ୍ଣ

କ	ଖ	ଗ	ଘ	ଙ
ଚ	ଛ	ଜ	ଝ	ଞ
ଟ	ଠ	ଡ	ଢ	ଣ
ତ	ଥ	ଦ	ଧ	ନ
ପ	ଫ	ବ	ଭ	ମ

ଯ	ର	ଲ	ଵ
ଶ	ଷ	ସ	ହ
	କ୍ଷ	ତ୍ର	ଜ୍ଞ

Digitised by srujanika@gmail.com

ଅକ୍ଷରକୁ ଅକ୍ଷର କ୍ରମରେ ଜୋଡ଼



Digitised by srujanika@gmail.com

ବାର ମାତ୍ରା

କ	କା	କି	କୀ	କୁ	କୂ	କେ	କୈ	କୋ	କୌ	କଂ	କଃ
ଖ	ଖା	ଖି	ଖୀ	ଖୁ	ଖୂ	ଖେ	ଖୈ	ଖୋ	ଖୌ	ଖଂ	ଖଃ
ଗ	ଗା	ଗି	ଗୀ	ଗୁ	ଗୂ	ଗେ	ଗୈ	ଗୋ	ଗୌ	ଗଂ	ଗଃ
ଘ	ଘା	ଘି	ଘୀ	ଘୁ	ଘୂ	ଘେ	ଘୈ	ଘୋ	ଘୌ	ଘଂ	ଘଃ
ଚ	ଚା	ଚି	ଚୀ	ଚୁ	ଚୂ	ଚେ	ଚୈ	ଚୋ	ଚୌ	ଚଂ	ଚଃ
ଛ	ଛା	ଛି	ଛୀ	ଛୁ	ଛୂ	ଛେ	ଛୈ	ଛୋ	ଛୌ	ଛଂ	ଛଃ
ଜ	ଜା	ଜି	ଜୀ	ଜୁ	ଜୂ	ଜେ	ଜୈ	ଜୋ	ଜୌ	ଜଂ	ଜଃ
ଝ	ଝା	ଝି	ଝୀ	ଝୁ	ଝୂ	ଝେ	ଝୈ	ଝୋ	ଝୌ	ଝଂ	ଝଃ
ଟ	ଟା	ଟି	ଟୀ	ଟୁ	ଟୂ	ଟେ	ଟୈ	ଟୋ	ଟୌ	ଟଂ	ଟଃ
ଠ	ଠା	ଠି	ଠୀ	ଠୁ	ଠୂ	ଠେ	ଠୈ	ଠୋ	ଠୌ	ଠଂ	ଠଃ
ଡ	ଡା	ଡି	ଡୀ	ଡୁ	ଡୂ	ଡେ	ଡୈ	ଡୋ	ଡୌ	ଡଂ	ଡଃ
ଢ	ଢା	ଢି	ଢୀ	ଢୁ	ଢୂ	ଢେ	ଢୈ	ଢୋ	ଢୌ	ଢଂ	ଢଃ
ତ	ତା	ତି	ତୀ	ତୁ	ତୂ	ତେ	ତୈ	ତୋ	ତୌ	ତଂ	ତଃ
ଥ	ଥା	ଥି	ଥୀ	ଥୁ	ଥୂ	ଥେ	ଥୈ	ଥୋ	ଥୌ	ଥଂ	ଥଃ
ଦ	ଦା	ଦି	ଦୀ	ଦୁ	ଦୂ	ଦେ	ଦୈ	ଦୋ	ଦୌ	ଦଂ	ଦଃ
ଧ	ଧା	ଧି	ଧୀ	ଧୁ	ଧୂ	ଧେ	ଧୈ	ଧୋ	ଧୌ	ଧଂ	ଧଃ
ନ	ନା	ନି	ନୀ	ନୁ	ନୂ	ନେ	ନୈ	ନୋ	ନୌ	ନଂ	ନଃ
ପ	ପା	ପି	ପୀ	ପୁ	ପୂ	ପେ	ପୈ	ପୋ	ପୌ	ପଂ	ପଃ
ଫ	ଫା	ଫି	ଫୀ	ଫୁ	ଫୂ	ଫେ	ଫୈ	ଫୋ	ଫୌ	ଫଂ	ଫଃ
ବ	ବା	ବି	ବୀ	ବୁ	ବୂ	ବେ	ବୈ	ବୋ	ବୌ	ବଂ	ବଃ
ଭ	ଭା	ଭି	ଭୀ	ଭୁ	ଭୂ	ଭେ	ଭୈ	ଭୋ	ଭୌ	ଭଂ	ଭଃ
ମ	ମା	ମି	ମୀ	ମୁ	ମୂ	ମେ	ମୈ	ମୋ	ମୌ	ମଂ	ମଃ
ଯ	ଯା	ଯି	ଯୀ	ଯୁ	ଯୂ	ଯେ	ଯୈ	ଯୋ	ଯୌ	ଯଂ	ଯଃ
ର	ରା	ରି	ରୀ	ରୁ	ରୂ	ରେ	ରୈ	ରୋ	ରୌ	ରଂ	ରଃ
ଳ	ଳା	ଳି	ଳୀ	ଳୁ	ଳୂ	ଳେ	ଳୈ	ଳୋ	ଳୌ	ଳଂ	ଳଃ
ବ	ବା	ବି	ବୀ	ବୁ	ବୂ	ବେ	ବୈ	ବୋ	ବୌ	ବଂ	ବଃ
ଶ	ଶା	ଶି	ଶୀ	ଶୁ	ଶୂ	ଶେ	ଶୈ	ଶୋ	ଶୌ	ଶଂ	ଶଃ
ଷ	ଷା	ଷି	ଷୀ	ଷୁ	ଷୂ	ଷେ	ଷୈ	ଷୋ	ଷୌ	ଷଂ	ଷଃ
ହ	ହା	ହି	ହୀ	ହୁ	ହୂ	ହେ	ହୈ	ହୋ	ହୌ	ହଂ	ହଃ

Digitised by srujanika@gmail.com

ମାତ୍ରା ପରିଚୟ

ବିନା ମାତ୍ରା

ନଳ	ପର	ଜଳ	ସର
ତର	ମତ	ଫଳ	ବସ
ଜପ	ଘର	ବଡ଼	କର

ଆ ମାତ୍ରା (ା)

ଛାତ	ଘାଟ	ଚାଲ	ବାଳ
ଚାଖ	କାନ	ହାତ	କଳା
ରାଜା	ଜାଲ	ଆସ	ବାଜା

ଇ ମାତ୍ରା (ି)

ତିଳ	ଚିନି	ବହି
ରବି	କବି	ହରି
ନିଧି	ବିଧି	ତିନି

ଈ ମାତ୍ରା (ୀ)

ତରୀ	ପରୀ	ବୀଣା
ହୀନ	ନୀଳ	ତୀର
ନୀର	ଶୀତ	ନଦୀ

ଉ ମାତ୍ରା (ୁ)

ଚୁପ	ଫୁଲ	ଶୁଣ
ହନୁ	ଦୁଧ	ମହୁ

ଊ ମାତ୍ରା (ୂ)

ଦୂର	ବଧୂ	ପୂର
ମୂଳ	ଯୂଇ	ଭୂଇଁ

Digitised by srujanika@gmail.com

ଋ ମାତ୍ରା (ୃ)

ତୃଣ ମୃଗ ନୃପ

ଏ ମାତ୍ରା (େ)

ବେତ ତଳେ ବେଲ

ତେର ଯେତେ ନେତ

ବେଳ କେବେ ଦେବ

ଐ ମାତ୍ରା (ୈ)

ଦୈବ ଦୈନ ବୈର

ଓ ମାତ୍ରା (େ ା)

ଢୋଲ ଭୋର ଗୋଲ

ଖୋଲ ଖୋତା ଶୋଷ

ଗୋଡ଼ ବୋଝ ଜୋର

ଔ ମାତ୍ରା (ୌ)

ଚୌର ନୌକା ପୌର

ଅଂ ମାତ୍ରା (ଂ)

ରଂଗ ଶଂଖ ରଂକ ସଂଗ

Digitised by srujanika@gmail.com

କେତେ ପ୍ରକାରର ଗୁଡ଼ି

ଚିତ୍ରରେ ଶବ୍ଦକୁ ଯୋଡ଼

ତରଭୁଜ	ହାତୀ

ମାଛ	ଆମ୍ବ

ଅରଟ	ଗୁଡ଼ି

ଛେଳି	କମଳ	ଡାଳିମ୍ବ	ଘଡ଼ି

Digitised by srujanika@gmail.com

ରଂଗ ବେରଂଗ କବିତା

ଲାଲ ରଙ୍ଗର (ମାଳା)

ନୀଳ ରଙ୍ଗର (ତାଲା)

ଶାଗୁଆ ରଙ୍ଗର (ତୋତା)

କଳା ରଙ୍ଗର (ଜୋତା)

ଅମାନିଆ ଛୁଆ



ଆଗ ପଛ ହୋଇ ଚାରୋଟି ଛୁଆ,
ନେଇ ବାହାରିଲା କୁକୁଡ଼ା ମାଆ ।
ମାଆକୁ ନ ମାନି ଛୁଆଏ ଧାଇଁ,
ପଡ଼ିଗଲେ ପଚା ନାଳରେ ଯାଇ ।
ନାଳରୁ ଆସିଲେ ଅସନା ହୋଇ,
ମାଆ ଆଉ ତାଙ୍କୁ ଚିହ୍ନିଲା ନାହିଁ ।

ବିନୀତା କୃଷ୍ଣା

ଅନୁବାଦ - ମିତ୍ରା ଦାସ

Digitised by srujanika@gmail.com

ଚିତ୍ର କଥା

ଓ

ଗୋଟିଏ ଗଛ ଥିଲା । ଉପରେ ପାଚିଲା ଝୁଲୁଥିଲା । ତଳେ ଗୋଟିଏ ଥିଲା । କେତେବେଳେ ଉପରେ ଚଢ଼ି ଡେ଼ଇଁ ତଳକୁ ଆସୁଥିଲା । ଏଇ ସମୟରେ ଗୋଟିଏ ବି ଆସିଗଲା । ସେ ର ଖେଳ ଦେଖିଲା । ସେଇ ସମୟରେ ଦେଖିଲା ଯେ ପଛରେ ଗୋଟିଏ ଛିଡ଼ାହୋଇଛି । ସେ ଆଡ଼କୁ ଦେଖୁଥିଲା । ଯେମିତି ତା ଉପରକୁ କୁଦିଲା, ତାକୁ ଦେଖାଇ ଡରାଇ ଦେଲା । ଭୟରେ କୋରଡ଼ରେ ଲୁଚିଗଲା ।

ଉପରକୁ ଦେଖିଲା । ଡାଳରେ ହଳଦିଆ ଝୁଲୁଥିଲା । କିନ୍ତୁ ବହୁତ ଉପରେ ଥିଲା ।

ଏତିକିବେଳେ ଗୋଟିଏ ଆସିଲା । ସେ ଉଠାଇ ତୋଳି ତାକୁ ସାଙ୍ଗେ ସାଙ୍ଗେ ଖାଇଦେଲା । କହିଲା, ଦାଦା ! ଗୋଟିଏ – ମୋତେ ବି ଦିଅ ।

କହିଲା, "ନା, ଯା ପଳା ।" ସେ ଆଉ ଗୋଟିଏ ଆମ୍ବ ତୋଳି ଖାଇଲା ଓ ଚାଲିଗଲା ।

Digitised by srujanika@gmail.com

ପୁଣି ଗୋଟିଏ ଆସିଲା । ତାଳ ଉପରେ ବସିଲା । ଗୋଟିଏ

ଚାକୁ ଚାକୁ କରି ଖାଇଲା ।

- କୁ କହିଲା, " ଭାଇ ! ଗୋଟିଏ

ମୋତେ ଦିଅ ।

କହିଲା ଏତେ ବଡ଼ ମୁଁ ତୋଳିପାରିବି ନାହିଁ ।

ଖାଇ ବି ଉଡ଼ିଗଲା ।

ପୁଣି ଗୋଟିଏ ଆସିଲା । କୁ କହିଲା ।

ଭାଇ ! ଗୋଟିଏ ମୋତେ ଦିଅ । ବଡ଼ ଦୁଷ୍ଟ ଥିଲା । ପ୍ରଥମେ

ସେ ଖିଙ୍କାରି ହେଲା । ତାପରେ ଗୋଟିଏ କଞ୍ଚା ତୋଳିଲା । ଆଡ଼କୁ ତଳେ

ପକାଇ କହିଲା, ନେ କଞ୍ଚା ଖା । କୁ ରାଗ ମାଡ଼ିଲା ।

ପାଚିଲା ଖାଇ ଡ଼େଇଁ ଚାଲିଗଲା । ଚାଲିଯିବାରୁ

କୋରଡ଼ରୁ ବାହାରିଲା । ସେ କୁ ଡ଼ାକିଲା,

ଦୀଦୀ ! ମୁଁ ତୁମକୁ ଏବେ ଦେଉଛି । ଗୋଟିଏ

ପାଚିଲା କୁ କାଟିଦେଲା । ତାଳରୁ ଆସି ତଳେ ପଡ଼ିଲା ।

ଜଲଦି ଜଲଦି ଆମ୍ବ ଖାଇଦେଲା ।

ଓ ସାଙ୍ଗ ହୋଇଗଲେ ।

ଗିରିଜା ରାଣୀ ଅସ୍ଥାନା

ଅନୁବାଦ - ମିତ୍ରା ଦାସ

Digitised by srujanika@gmail.com

ତୋତା

ପାଖରେ ରହିଛି ଦିଓଟି ରଂଗ
ହଳଦିଆ ଆଉ ନୀଳ ତା ସଂଗ
କିପରି କରିବ ଶାଗୁଆ ତୋତା
କହୁଛି ବୁଝାଇ ଶୁଣ ମୋ କଥା
ଆଗେ ନୀଳ ଦେଇ ତୋତା ଦେହରେ
ହଳଦିଆ ଦିଅ ନୀଳ ଉପରେ
ଦୁଇ ରଂଗଯାକ ହେଲାରୁ ଏକ
ତୋତା ହୋଇଗଲା ଶାଗୁଆ ଦେଖ ।

କାହାରି ସାଙ୍ଗର ନ କରି କଳି
ସାଥି ହୋଇ ଯାଉ ଖେଳିବୁ ବୋଲି ।

ମନୋରମା ଜଫା
ଅନୁବାଦ - ମିତ୍ରା ଦାସ

Digitised by srujanika@gmail.com

ନାମ..

Digitised by srujanika@gmail.com



ଅକ୍ଷର-ଜ୍ଞାନର ଏହି ସୁନ୍ଦର ବହିଟି ବାଳ-ସୁଲଭ କବିତା ଓ ମନମୋହକ ଚିତ୍ରରେ ସଜା ହୋଇଛି । ଏହାକୁ ଅତି ଅଳ୍ପ ସାହାଯ୍ୟରେ ପିଲା, ବଡ଼ ସମସ୍ତେ ପଢ଼ିବାକୁ ଶିଖି ପାରିବେ । ଅକ୍ଷର-ଜ୍ଞାନ, ବାର ମାତ୍ରା ପରିଚୟ ଓ ବାକ୍ୟ ପଢ଼ିବାର ଧାରା ଏ ବହିରେ ଅଛି । ଏଥିରୁ ମନୋରଂଜନ ପାଇଁ ଚିତ୍ର-କଥା ପଢ଼ି, ଶବ୍ଦମାନଙ୍କ ସହିତ ଖେଳିଲେ ମିଠା ମିଠା କବିତାରୁ ଆନନ୍ଦ ମିଳିବ ।

Digitised by srujan.ka@gmail.com